ଦେଶରେ ତ୍ରିସ୍ତରୀୟ ପଞ୍ଚାୟତି ରାଜର ପ୍ରଚଳନ ଉଦ୍ଦେଶ୍ୟରେ ୭୩ତମ ସଂବିଧାନ ସଂଶୋଧନ ଆଇନ୍ ୧୯୯୨ ବଳବତ୍ତର ହେଲା ୨୪ ଏପ୍ରିଲ୍ ୧୯୯୩ରୁ । ଏହାର ପରିଣତି ସ୍ୱରୂପ ସଂବିଧାନର ନବମ ଭାଗରେ ଧାରା ୨୪୩ରୁ ୨୪୩ (ଓ) ଯୋଡାଗଲା । ଏହାର ୨୪୩(ଜି)ରେ କୁହାଗଲା ଯେ, ଗ୍ରାମାଞ୍ଚଳରେ ଆର୍ଥିକ ବିକାଶ ଏବଂ ସାମାଜିକ ନ୍ୟାୟ ହାସଲ ପାଇଁ ଯୋଜନା ପ୍ରସ୍ତୁତି ତଥା ଏକାଦଶ ଅନୁସୂଚୀରେ ସୂଚୀତ ହୋଇଥିବା ବିଷୟ ସମେତ ସାମାଜିକ ନ୍ୟାୟ ଓ ଆର୍ଥିକ ବିକାଶ ସଂପର୍କୀତ ସ୍କିମ୍‌ସମୂହର କାର୍ଯ୍ୟାନ୍ୱୟନ ପାଇଁ ଗୋଟିଏ ରାଜ୍ୟର ଆଇନ୍‌ସଭା ପଞ୍ଚାୟତସମୂହକୁ ଏଭଳି ସବୁ କ୍ଷମତା ଏବଂ କର୍ତ୍ତୃତ୍ୱ ପ୍ରଣୟନ କରିବେ ଯାହା ଫଳରେ ସେମାନେ ସ୍ୱୟଂଚାଳିତ ସଂସ୍ଥା ରୂପେ କାର୍ଯ୍ୟ କରିପାରିବେ ।

## ଏକାଦଶ ଅନୁସୂଚୀ

(ସମ୍ବିଧାନର ଧାରା ୨୪୩-ଜି)

୧. କୃଷି ସଂବନ୍ଧୀତ ସଂପ୍ରସାରଣ ସମେତ କୃଷି
୨. ଭୂ-ଉନ୍ନୟନ, ଭୂ-ସଂସ୍କାରର କାର୍ଯ୍ୟାନ୍ୱୟନ, ଜମିର ଚକବନ୍ଦୀ ଏବଂ ମୃତ୍ତିକା ସଂରକ୍ଷଣ
୩. କ୍ଷୁଦ୍ର ଜଳସେଚନ, ଜଳ ପରିଚାଳନା ଏବଂ ଜଳଅମଳର ବିକାଶ
୪. ପଶୁପାଳନ, ଦୁଗ୍ଧଶିଳ୍ପ ଏବ କୁକୁଡାଚାଷ
୫. ମତ୍ସ୍ୟସଂପଦ
୬. ସାମାଜିକ ବନୀକରଣ ଏବଂ କୃଷି-ଉପଯୋଗୀ ବନୀକରଣ
୭. ଲଘୁ ବନଜାତ ସାମଗ୍ରୀ
୮. ଖାଦ୍ୟପ୍ରସ୍ତୁତି ଶିଳ୍ପ ସମେତ କ୍ଷୁଦ୍ର ଶିଳ୍ପସମୂହ
୯. ଖଦୀ, ଗ୍ରାମ ଏବଂ କୁଟୀର ଶିଳ୍ପସମୂହ
୧୦.ଗ୍ରାମାଞ୍ଚଳରେ ଗୃହଯୋଗାଣ
୧୧.ପାନୀୟ ଜଳ
୧୨.ଜାଳ ଏବଂ ପଶୁଖାଦ୍ୟ
୧୩.ରାସ୍ତା, କଲଭର୍ଟ, ପୋଲ, ଘାଟ, ଜଳପଥ ଏବଂ ଅନ୍ୟାନ୍ୟ ଗମନାଗମନ ବ୍ୟବସ୍ଥା
୧୪.ବିଜୁଳି ଆବଣ୍ଟନ ସମେତ ଗ୍ରାମାଞ୍ଚଳ ବିଦ୍ୟୁତୀକରଣ
୧୫.ଅଣ-ପାରମ୍ପରିକ ଶକ୍ତିର ଉତ୍ସସମୂହ
୧୬.ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ
୧୭.ପ୍ରାଥମିକ ଓ ମାଧ୍ୟମିକ ସ୍କୁଲ୍‌ସମୂହ ସମେତ ଶିକ୍ଷା ବ୍ୟବସ୍ଥା
୧୮.ବୈଷୟିକ ତାଲିମ୍ ଏବଂ ଧନ୍ଦାମୂଳକ ଶିକ୍ଷା
୧୯.ବୟସ୍କ ଏବଂ ଅଣ-ଆନୁଷ୍ଠାନିକ ଶିକ୍ଷା
୨୦.ପାଠାଗାରସମୂହ
୨୧.ସାଂସ୍କୃତିକ କାର୍ଯ୍ୟକ୍ରମ ସମୂହ
୨୨.ହାଟ ଏବଂ ମେଳାସମୂହ
୨୩. ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଚିକିତ୍ସାଳୟ ସମେତ ହସ୍ପିଟାଲ୍, ସ୍ୱାସ୍ଥ୍ୟ ଏବଂ ପରିମଳ
୨୪.ପରିବାର ମଙ୍ଗଳ
୨୫.ମହିଳା ଓ ବାଳୁତ ବିକାଶ
୨୬.ଅକର୍ମଣ୍ୟ ଏବଂ ମାନସିକ ଅନଗ୍ରସରଙ୍କ କଲ୍ୟାଣ ସମେତ ସମାଜ କଲ୍ୟାଣ
୨୭.ଦୁର୍ବଳ ଶ୍ରେଣୀସମୂହର କଲ୍ୟାଣ, ଓ ବିଶେଷ କରି ଅନୁସୂଚୀତ ଜାତିସମୂହ ଏବଂ ଅନୁସୂଚୀତ ଜନଜାତିସମୂହର କଲ୍ୟାଣ
୨୮.ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥା
୨୯.ସମୂହସଂପତ୍ତିର ରକ୍ଷଣାବେକ୍ଷଣ